# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ପାଞ୍ଚ ହଜାର ଲୋକଙ୍କୁ ଖୁଆଇଲେ



ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
Alastair Paterson
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଅନେକ ଧର୍ମଗୁରୁମାନେ (ଯାହାଙ୍କୁ ଫାରୁଶୀ କହୁଥିଲେ) ଯୀଶୁଙ୍କ ବିଷୟରେ ମିଥ୍ୟା କହିଲେ । କେତେକ ତାଙ୍କୁ ବଧ କରିବାକୁ ମଧ୍ୟ ଚେ଼ଷ୍ଟାକଲେ ।  ଯୀଶୁ ଯେ ପ୍ରକୃତରେ ଇଶ୍ୱରଙ୍କ ପୁତ୍ର ତାହା ସେମାନେ ବିଶ୍ୱାସ କଲେ ନାହିଁ ।



ଯଦିବା ତାଙ୍କର ଆଶ୍ଚର୍ଯ୍ୟ କର୍ମ ପ୍ରମାଣିତ କରନ୍ତି ଯେ ସେ ଈଶ୍ୱରଙ୍କ ପୁତ୍ର ତଥାପି ସେମାନ ଯୀଶୁଙ୍କୁ ଗ୍ରହଣ କଲେ ନାହିଁ ।



ଦିନେ, ଯୀଶୁ ଗାଲିଲୀ ସମୁଦ୍ର ପାରହୋଇ ଆରପାରିକି ଗଲେ । ହୋଇପାରେ ସେ ଲୋକଗହଳି ସମ୍ମୁଖରୁ ଦୂରହୋଇ କିଛିସମୟ ବିଶ୍ରାମ ନେବାକୁ ଚ଼ାହୁଁଥିଲେ କାରଣ ସେମାନେ ସବୁ ସମୟରେ ତାଙ୍କ ଚ଼ାରିପଟେ ଘେରି ରହୁଥିଲେ । କିନ୍ତୁ ଶିଘ୍ର ଲୋକମାନେ ତାଙ୍କୁ ଖୋଜି ପାଇଲେ । ସେମାନେ ତାଙ୍କ ସହିତ ରହିବାକୁ ଇଛା କରୁଥିଲେ ।



ଯୀଶୁ ତାଙ୍କର ଶିଶ୍ୟମାନଙ୍କୁ ଏକ ନିର୍ଜନ ପର୍ବତମୟ ସ୍ଥାନକୁ
ନେଇଗଲେ ଯେଉଁଠାରେ ସେ ବସିପଡ଼ିଲେ, ଓ ଶିକ୍ଷା ଦେଲେ ।
ଅନେକଲୋକ ସେହି ସ୍ଥାନକୁ ଆସିବାକୁ ଲାଗିଲେ । ପରେ ଖାଇବା
ସମୟ ହେଇଗଲା । ନିଶ୍ଚିତ ଭାବରେ
ସମସ୍ତଙ୍କୁ ଭୋକ ଲାଗିଥାଇପାରେ ।



ଯୀଶୁ ଲୋକ ସମୁହକୁ ଦେଖି । ଏମାନଙ୍କ ଭୋଜନ ନିମନ୍ତେ ଆମ୍ଭେମାନେ କେଉଁଠାରୁ ରୋଟି ଆଣିବା? ଫିଲିପ୍ପଙ୍କୁ କହିଲେ । ସେହି ସ୍ଥାନ ନିକଟରେ ଖାଦ୍ୟଭଣ୍ଡାର ନଥିଲା । ଯୀଶୁ କଅଣ କରିବାକୁ ଯୋଜନା କରୁଥିଲେ ?





ଏପରି ଲୋକସମୂହକୁ ଖୁଆଇବାକୁ ଶହେ ଟଙ୍କାର ରୋଟି ସମସ୍ତଙ୍କ ପାଇଁ ଯଥେଷ୍ଟ ନୁହେଁ, ଫିଲିପ୍ପ ଯୀଶୁଙ୍କୁ ଉତ୍ତର ଦେଲେ । ଯୀଶୁ ଓ ତାଙ୍କ ଶିଶ୍ୟମାନଙ୍କ ପାଖରେ ଯଥେଷ୍ଟ ପରିମାଣରେ ଟଙ୍କା ନଥିଲା ।





ଅନ୍ୟ ଏକ ଶିଶ୍ୟ ଆନ୍ଦ୍ରୀୟ (ଶୀମନ ପିତରଙ୍କ ଭ୍ରାତା) ଯୀଶୁଙ୍କୁ କହିଲେ, ଏଠାରେ ଏକ ବାଳକ ଅଛି, ତାହା ପାଖରେ ପାଞ୍ଚୋଟି ଯବର ରୋଟି ଓ ଦୁଇଟି ଛୋଟ ମାଛ ଅଛି ...

... କିନ୍ତୁ ଏତେ ଲୋକଙ୍କ ପାଇଁ ତାହା କଅଣ ହେବ? ଆନ୍ଦ୍ରୟ ଦେଖିନଥିଲେ ଯେ ସେହି ଛୋଟ ବାଳକର ଖାଇବା କିପରି ଅନେକଙ୍କୁ ଖୁଆଇ ପାରିବ- ଏବଂ ଯଦି ସେହି ବାଳକ ନିଜର ଭୋଜନ ଯୀଶୁଙ୍କୁ ଦେବାକୁ ଇଛା କରିବେ ।



ଯୀଶୁ କହିଲେ, ଲୋକମାନଙ୍କୁ ବସାଅ । ସେମାନେ ବସିଲେ, ସେଠାରେ ସଂଖ୍ୟାରେ ପାଞ୍ଚହଜାର ପୁରିଷମାନେ ବସିଲେ । ହାଲେଲୁୟା ପାଞ୍ଚହଜାର ! ଏଠାରେ ସ୍ତ୍ରୀଲୋକ ଓ ପିଲାମାନଙ୍କୁ ଯୋଗ କରାଯାଇନାହିଁ, ସେମାନେ ମଧ୍ୟ ସେଠାରେ ଥିଲେ ।



ସେଥିରେ ଯୀଶୁ ସେହି ରୋଟି ଓ ମାଛ ନେଲେ । ସେହି ଛୋଟ ବାଳକଟି ନିଶ୍ଚିତ ଭାବରେ ଯୀଶୁଙ୍କ ଉପରେ ଭରଷା କରିଥିଲେ । ସେ ଜାଣିନଥିଲେ କାହିଁକି ଯୀଶୁଙ୍କୁ ତାଙ୍କ ଭୋଜନର ଆବଶ୍ୟକ, କିମ୍ବା ଏହି ଭୋଜନଦ୍ୱାରା ଯୀଶୁ କଅଣ କରିବେ । ସେ ଭାବିଥାଇ ପାରନ୍ତି, ଯଦି ମୁଁ ମୋର ଖାଦ୍ୟକୁ ଦାନ କରିବି, ତେବେ ମୁଁ ଖାଇ ପାରିବି ନାହିଁ । ମାତ୍ର ସେ ଯାହାହେଉ ସେ ଖାଦ୍ୟ ଯୀଶୁଙ୍କୁ ଦେଲେ ।



ଯୀଶୁ ଖାଦ୍ୟଘେନି ପ୍ରାର୍ଥନା କଲେ ।
ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ ।
ହଁ ସେହି ପାଞ୍ଚଟି ରୋଟି ଓ ଦୁଇଟି
ମାଛ ନିମନ୍ତେ । ଯୀଶୁ ସେହି ଖାଦ୍ୟକୁ
ଆଶିର୍ବାଦ କରିବାକୁ ପରମେଶ୍ୱରଙ୍କୁ
ପ୍ରାର୍ଥନା କଲେ ।



ପ୍ରାର୍ଥନା କଲାପରେ, ଯୀଶୁ ସେହି ରୋଟିକୁ
ଭାଙ୍ଗିଲେ ଓ ମାଛ ବାଣ୍ଟିଦେବା ନିମନ୍ତେ
ତାଙ୍କର ଶିଶ୍ୟମାନଙ୍କୁ ଦେଲେ ଯେଉଁମାନେ
ସେଗୁଡ଼ାକ ଲୋକସମୂହକୁ ବାଣ୍ଟିଦେଲେ ।
ସେଠାରେ ଲୋକମାନେ ସେହି ଆଶ୍ଚର୍ଯ୍ୟ କର୍ମ
ଦେଖିଲେ । ପ୍ରତ୍ୟକ ଜଣ ନିଜ ଇଚ୍ଛା ଅନୁସାରେ
ଭୋଜନ କଲେ । ତଥାପି ମଧ୍ୟ ସମସ୍ତ ରୋଟି
ଓ ମାଛ ସେମାନେ ଶେଷ କରିପାରିଲେ ନାହିଁ ।



ସମସ୍ତେ ଖାଇ ପରତୃପ୍ତ ହେଲାପରେ, ସେଠାରେ ଅନେକ ରୋଟି ଓ ମାଛ ବଳକା ଥିଲା,  ଯେପରି କିଛି ନଷ୍ଟ ନହୁଏ, ଏଥିନିମନ୍ତେ ବଳିଥିବା ଭଙ୍ଗା ଖଣ୍ଡଗୁଡ଼ିକ ଏକାଠି କରି, ଯୀଶୁ ନିଜ ଶିଶ୍ୟମାନଙ୍କୁ କହିଲେ । ସେମାନେ ସବୁ ଏକାଠି କଲେ, ପୁଣି ଲୋକମାନଙ୍କର ଖାଇବା ପରେ ଯବର ସେହି ପାଞ୍ଚ ରୋଟିରୁ ଯେଉଁ ଭଙ୍ଗା ଖଣ୍ଡଗୁଡ଼ିକ ବଳିଥିଲା, ସେଥିରେ ସେମାନେ ବାର ଟୋକେଇ ପୂର୍ଣ୍ଣକଲେ ।



ସେହିଦିନ, ଯୀଶୁ ସେହି ଛୋଟ ବାଳକର ଖାଦ୍ୟରୁ ପାଞ୍ଚହଜାରରୁ ଊର୍ଦ୍ଧ ଲୋକଙ୍କୁ ଖୁଆଇଲେ, ଅନ୍ୟଏକ ସମୟରେ, ସେ ସାତୋଟି ରୋଟି ଓ କେତୋଟି ମାଛ ଦ୍ୱାରା ଚାରିହଜାର ଲୋକଙ୍କୁ ଖୁଆଇଲେ । ଯେତେବେଳେ ସାଧାରଣ ଲୋକ ଏପରି ଆଶ୍ଚର୍ଯ୍ୟକର୍ମ ଦେଖିଲେ ସେମାନେ ଫାରୂଶୀ ମାନଙ୍କ ପରି ବିରକ୍ତ ହେଲେ ନାହିଁ । ମାତ୍ର ତାହା ବଦଳରେ ସେମାନେ କହିଲେ, ଜଗତକୁ ଯେଉଁ ଭାବବାଦିଙ୍କର ଆସିବାର ଥିଲା, ଏ ନିଶ୍ଚୟ ସେହି । ସେମାନେ ଜାଣିଥିଲେ ଯେ ଯୀଶୁ ସେହି ଉଦ୍ଧାରକର୍ତ୍ତା ଯାହାଙ୍କ ଆସିବା ବିଷୟରେ ପବିତ୍ରବାକ୍ୟରେ ସଦାପ୍ରଭୁ ପ୍ରତିଜ୍ଞା କରିଥିଲେ ।



ଯୀଶୁ ପାଞ୍ଚ ହଜାର ଲୋକଙ୍କୁ ଖୁଆଇଲେ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୋହନ ୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସ୍ୱର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬